# କର୍କଟ ଚିକିତ୍ସାଳୟ ସ୍ଥାପନ ନୂତନ ଦିଗ୍‌ଦର୍ଶନ ଦେବ: ଡ. ବିଜୟକୁମାର

ଜଟଣୀ, ୧୭।୭ (ନି.ପ୍ର.): ନାଇଜରରେ ସାଇକ୍ଲୋଟନ କେନ୍ଦ୍ର ଏବଂ କର୍କଟ ଚିକିତ୍ସାଳୟ ସ୍ଥାପନ ବିଜ୍ଞାନ ଗବେଷଣାରେ ନୂତନ ଦିଗଦର୍ଶନ ଦେବ ବୋଲି ପଦନପୁରସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ନାଇଜର)ର ଦ୍ୱାଦଶତମ ସ୍ନାତକ ଉତ୍ସବରେ ମୁଖ୍ୟ ଅତିଥି ନୀତି ଆୟୋଗର ସଦସ୍ୟ



ଡ. ବିଜୟ କୁମାର ସାରସ୍ୱତ ମତବ୍ୟକ୍ତ କରିଥିଲେ। ସୋମବାର ଅପରାହ୍ଣରେ ନାଇଜର ପରିସରରେ ପଠାଣି ସାମନ୍ତ ପ୍ରେକ୍ଷାଳୟରେ ସ୍ନାତକ ଉତ୍ସବ ହୋଇଥିଲା। ନାଇଜର ବୋର୍ଡ଼ ଅଫ୍ ଗଭର୍ଣ୍ଣର୍ସ ଅଧ୍ୟକ୍ଷ ତଥା ଆଣବିକ ଉର୍ଜା ବିଭାଗର ସଚିବ ଡ. ଅଜିତ କୁମାର ମହାନ୍ତି ଉକ୍ତ ଉତ୍ସବରେ ଅଧ୍ୟକ୍ଷତା

## ନାଇଜରର ଦ୍ୱାଦଶତମ ସ୍ନାତକ ଉତ୍ସବ

କରିଥିଲେ। ମୁଖ୍ୟ ଅତିଥି ଡ. ସାରସ୍ୱତ କହିଥିଲେ, ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ନାଇଜର ଜାତୀୟ ଶିକ୍ଷା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ଗବେଷଣା ମାଧ୍ୟମରେ ନାଇଜର କିଭଳି ଆଗୁଆ ହୋଇ ଛିଡ଼ା ହେବ ଏବଂ ଦୂରଦୃଷ୍ଟିର ସହ ବିକାଶରେ ସାମିଲ ହେବ ତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଆଜି ଯେଉଁମାନେ ସ୍ନାତକ ହୋଇ ଦେଶ ପ୍ରଗତିରେ ସାରଥୀ ହେବେ ସେମାନେ ନୂତନ କୌଶଳ, ନୂତନ ଉଦ୍ୟୋଗ ମାଧ୍ୟମରେ ସେମାନଙ୍କ ସ୍ୱପ୍ନ ସାକାର କରି ପାରିବେ ବୋଲି ନୀତି ଆୟୋଗର ସଦସ୍ୟ ଆଶା ପ୍ରକାଶ କରିଥିଲେ।

ଉକ୍ତ ସ୍ନାତକ ଉତ୍ସବରେ ୧୬୫ ଛାତ୍ରଛାତ୍ରୀଙ୍କୁ ଏମ୍‌ଏସ୍‌ସି ଡିଗ୍ରୀ ଏବଂ ୫୫ ଜଣଙ୍କୁ ପିଏଚଡ଼ି ଡିଗ୍ରୀ ପ୍ରଦାନ କରାଯାଇଥିଲା। ରସାୟନ ବିଜ୍ଞାନର ଛାତ୍ର ଆଦିତ୍ୟ ପାଲଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ନାଇଜରର କୁଳସଚିବ ଡ. ଅଭୟ କୁମାର ନାୟକ ଉତ୍ସବ ପରିଚାଳନା କରିଥିଲେ।

ସମାଜ
The Samaja

Article published in:
The Samaja, Page No. 2,
18.07.2023